ବିଦ୍ୟା ଭାରତୀ VIDYA BHARATI

# ଶିକ୍ଷା ବିକାଶ ସମିତି, ଓଡ଼ିଶା

# SHIKSHA VIKASH SAMITI, ODISHA

ସରସ୍ୱତୀ କୁଞ୍ଜ, ଇ-୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦

SARASWATI KUNJA, E-59, SECTOR - A, ZONE -A, MANCHESWAR INDUSTRIAL ESTATE, BHUBANESWAR -10

MOB. - 8280866977, E-mail : svsodisha1977@gmail.com, Web Site : www.svsodisha.com

Affiliated to Vidya Bharati Akhil Bharatiya Shiksha Sansthan, Lucknow
Regd. NO. BBSR-47838 of 1984-85 & 22486/76 OF 2007-08 Registrar of Societies, Orissa, Cuttack

ପତ୍ରାଙ୍କ - ୫୬୦/୨୪ ତାରିଖ - ୨୫.୦୫.୨୦୨୪

ପ୍ରାପ୍ତେଷୁ,

ସମସ୍ତ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଓଡ଼ିଶା ।

**ବିଷୟ :- ବିଶ୍ୱ ଯୋଗ ଦିବସ (୨୧ ଜୁନ୍ ) ର କ୍ରିୟାନ୍ୱୟନ ସମ୍ବନ୍ଧେ ।**

ମହାଶୟ,

ସାଦର ନମସ୍କାର । ଆଶା ପରମେଶ୍ୱରଙ୍କ କୃପାରୁ ସୁସ୍ଥରେ ଥିବେ । ଯୋଗ ଆମର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଥାଏ । ଆସନ୍ତା ଜୁନ୍ ୨୧ ତାରିଖ ବିଶ୍ୱ ଯୋଗ ଦିବସ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ଏହାର ସଫଳ କ୍ରିୟାନ୍ୱୟନ ନିମନ୍ତେ ବିଦ୍ୟାଳୟ ସ୍ତରରେ ଶିଶୁ ଭାଇଭଉଣୀ, ଆଚାର୍ଯ୍ୟଆଚାର୍ଯ୍ୟା, ଅଭିଭାବକଅଭିଭାବିକା, ଶୁଭେଚ୍ଛୁ ଏବଂ ନିକଟସ୍ଥ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ତଥା ଅନ୍ୟାନ୍ୟ ସଂସ୍ଥାମାନଙ୍କୁ ନେଇ କିପରି ଯୋଡ଼ି ପାରିବା ତା'ର ବ୍ୟାପକ ଯୋଜନା ପ୍ରସ୍ତୁତ କରିବେ । ନିମ୍ନ ସୂଚନା ଆଧାରରେ ଉକ୍ତ କାର୍ଯ୍ୟକ୍ରମର ସଫଳ କ୍ରିୟାନ୍ୱୟନ କରିବା ହେବେ ।

୧) ଜୁନ୍ ମାସ ପ୍ରଥମ ସପ୍ତାହ ସୁଦ୍ଧା ଜିଲ୍ଲାଶଃ ପୂର୍ବ ପ୍ରସ୍ତୁତି ବୈଠକ ସମାପ୍ତ କରିବେ । ଉକ୍ତ ବୈଠକରେ ସମସ୍ତ ବିଦ୍ୟାଳୟ ଯୋଗ ପ୍ରମୁଖ ଓ ସଂକୁଳ ଯୋଗ ପ୍ରମୁଖ ଯୋଗଦାନ କରିବେ ।

୨) ପ୍ରାନ୍ତ ସ୍ତରରେ (Online) ମାଧ୍ୟମରେ ଜୁନ୍ ୦୨ ରୁ ୦୪ ପ୍ରାତଃ ୫ଘ. ରୁ ୬ଘ.୩୦ମି. ପର୍ଯ୍ୟନ୍ତ ଯୋଗ ପ୍ରୋଟୋକଲର ଅଭ୍ୟାସ କାଳାଂଶ ଚାଲିବ । ସମସ୍ତ ସମ୍ଭାଗ ଓ ଜିଲ୍ଲା ଯୋଗ ପ୍ରମୁଖମାନେ ଭାଗ ନେଇ ପାରିବେ ।

୩) ଜୁନ୍ ୦୫ ରୁ ୦୭ କିମ୍ବା ୧୧ ରୁ ୧୩ ତିନିଦିନ ଧରି ଜିଲ୍ଲାଶଃ ଯୋଗ ପ୍ରୋଟୋକଲ୍‌ର ଅଭ୍ୟାସ କାଳାଂଶ online ମାଧ୍ୟମରେ ହେବ । ଜିଲ୍ଲା ଯୋଗ ପ୍ରମୁଖମାନଙ୍କର ତତ୍ତ୍ୱାବଧାନରେ ସମସ୍ତ ବିଦ୍ୟାଳୟ ଯୋଗ ପ୍ରମୁଖ ଉପସ୍ଥିତ ଭାଗ ନେଇ ପାରିବେ ।

୪) ଆବଶ୍ୟକ ସ୍ଥଳେ ଜିଲ୍ଲା ସ୍ତରରେ ପରିବାର ନିମନ୍ତେ ଯୋଗ ପ୍ରୋଟୋକଲର ଅଭ୍ୟାସ ପାଇଁ (online) କାଳାଂଶ କରିପାରିବେ ।

୫) ଜୁନ୍ ମାସ ୧୮ ତାରିଖ ବିଦ୍ୟାଳୟ ଖୋଲିବା ପରେ, ସେହି ଦିନ ସମସ୍ତ ଛାତ୍ରଛାତ୍ରୀ ଓ ଆଚାର୍ଯ୍ୟଆଚାର୍ଯ୍ୟାମାନଙ୍କୁ ନେଇ ଯୋଗ ପ୍ରୋଟୋକଲର ପୂର୍ଣ୍ଣ ଅଭ୍ୟାସ କରିବେ । ଯଦ୍ୱାରା ଜୁନ୍ ୨୧ ବିଶ୍ୱ ଯୋଗ ଦିବସ ଅଧିକ ପ୍ରଭାବୀ ହୋଇ ପାରିବ ।

୬) ନିଜ ବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳନ କରିବା ସହିତ ନିକଟସ୍ଥ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ତଥା ଅନ୍ୟାନ୍ୟ ସଂସ୍ଥାନମାନଙ୍କୁ କିପରି ଯୋଡ଼ି ପାରିବା ତାହାର ବ୍ୟାପକ ପୂର୍ବ ପ୍ରସ୍ତୁତି ଯୋଜନା କରିବେ ।

୭) ଯେଉଁ ଅଭିଭାବକ ଓ ଶୁଭେଚ୍ଛୁମାନେ ବିଦ୍ୟାଳୟରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ଭାଗ ନେଇ ପାରିବେ ନାହିଁ, ସେହି ଅଭିଭାବକ ଓ ଶୁଭେଚ୍ଛୁମାନେ ନିଜ ପରିବାରରେ ଯୋଗ ଦିବସ ପାଳନ କରିବା ନିମନ୍ତେ ଅବଗତ କରାଇବେ ।

୮)   ବିଶ୍ୱ ଯୋଗ ଦିବସ ପାଳନ କରିସାରିବା ପରେ ପ୍ରାନ୍ତରୁ ଯାଇଥିବା ବୃତ୍ତ ପତ୍ରକ ପୂରଣ କରି ସଂକୁଳ ସଂଯୋଜକଙ୍କୁ ପ୍ରଦାନ କରିବେ । ସଂକୁଳ ସଂଯୋଜକ ସଂକୁଳର ବୃତ୍ତ, କାର୍ଯ୍ୟକ୍ରମର ଫଟୋ ଓ ଭିଡ଼ିଓ କ୍ଲିପ୍ ସଂଗ୍ରହ କରି ବିଭାଗ ନିରୀକ୍ଷକଙ୍କୁ ଯଥାଶୀଘ୍ର ପ୍ରଦାନ କରିବେ । ଆବଶ୍ୟକସ୍ଥଳେ ନିଜ ନିଜର ବିଭାଗ ନିରୀକ୍ଷକମାନଙ୍କ ସହିତ ଯୋଗଯୋଗ କରି ଆବଶ୍ୟକୀୟ ପରାମର୍ଶ ନେଇପାରିବେ ।

ସମସ୍ତଙ୍କ ସହଯୋଗରେ ବିଶ୍ୱ ଯୋଗ ଦିବସ କ୍ରିୟାନ୍ୱୟନର ସଫଳତା କାମନା କରୁଛି । ସର୍ବଶେଷରେ ସମସ୍ତଙ୍କ ନିରାମୟ ଜୀବନ କାମନା କରୁଛି ।

ଭବଦୀୟ

ସମ୍ପାଦକ

ଶିକ୍ଷା ବିକାଶ ସମିତି, ଓଡ଼ିଶା

*ଜ୍ଞାପକ ସଂଖ୍ୟା :- ୫୬୧/୨୪ ତାରିଖ :- ୨୫.୦୫.୨୦୨୪*

ଏହାର ଏକକିତା ନକଲ ସମସ୍ତ ସମ୍ଭାଗ ସମ୍ପାଦକ, ଜିଲ୍ଲା ପ୍ରମୁଖ, ସହ-ଜିଲ୍ଲା ପ୍ରମୁଖ, ସଂକୁଳ ପ୍ରମୁଖ, ସମସ୍ତ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଓ ପ୍ରାନ୍ତୀୟ ଅଧିକାରୀଙ୍କ ଅବଗତି ଓ କ୍ରିୟାନ୍ୱୟନ ନିମନ୍ତେ ପ୍ରେରଣ କରାଗଲା ।

ସମ୍ପାଦକ

ବିଦ୍ୟାଭାରତୀ

## ଶିକ୍ଷା ବିକାଶ ସମିତି, ଓଡ଼ିଶା, ................................ ସମ୍ଭାଗ

# ବିଶ୍ୱଯୋଗ ଦିବସ - ୨୧ ଜୁନ୍ ୨୦୨୪ (ଶୁକ୍ରବାର)

## ସଂଖ୍ୟାତ୍ମକ ବିବରଣୀ

ସଂକୁଳ ନାମ :-.............................................................................................. ବିଭାଗ ନାମ :- ..............................................................................................

| କ୍ର. | ସ.ଶି.ବି.ମ. | ଛାତ୍ର | ଛାତ୍ରୀ | ମୋଟ | ଆଚାର୍ଯ୍ୟ | ଆଚାର୍ଯ୍ୟା | ମୋଟ | ଅଭିଭାବକ | ଶୁଭେଚ୍ଛୁ | ସର୍ବମୋଟ | ଅନ୍ୟ ବିଦ୍ୟାଳୟ | ଅନ୍ୟ ବିଦ୍ୟାଳୟ | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | | | ଛାତ୍ର | ଛାତ୍ରୀ | ମୋଟ |
| ୧ | | | | | | | | | | | | | | |
| ୨ | | | | | | | | | | | | | | |
| ୩ | | | | | | | | | | | | | | |
| ୪ | | | | | | | | | | | | | | |
| ୫ | | | | | | | | | | | | | | |
| ୬ | | | | | | | | | | | | | | |
| ୭ | | | | | | | | | | | | | | |
| ୮ | | | | | | | | | | | | | | |
| ୯ | | | | | | | | | | | | | | |
| ୧୦ | | | | | | | | | | | | | | |
| ୧୧ | | | | | | | | | | | | | | |
| ୧୨ | | | | | | | | | | | | | | |
| ୧୩ | | | | | | | | | | | | | | |
| ୧୪ | | | | | | | | | | | | | | |
| ୧୫ | | | | | | | | | | | | | | |
| ୧୬ | | | | | | | | | | | | | | |
| | ମୋଟ :- | | | | | | | | | | | | | |

ସଂକୁଳ ପ୍ରମୁଖଙ୍କ ସ୍ୱାକ୍ଷର

ସଂକୁଳ ସଂଯୋଜକଙ୍କ ସ୍ୱାକ୍ଷର